# ନୂତନ ବର୍ଷ

ହେ ନବବର୍ଷ ତୁମେ ଯେ ଆସିଲ ସତେ
ଶୀତରଥେ ତନୁଶ୍ରୀ ସଜାଇ
ସେବତୀ ସୁମନ ଗନ୍ଧେ ଭରିଦେଲ
ତନୁମନ ପ୍ରେମରେ ମଜାଇ ।
ସାଥେ ତୁମେ ଆସ ନେଇ ଶତାବ୍ଦୀର ଚତୁର୍ଥ ନାୟକ
ଯେଣୁ ତୁମେ ହେ ପରମ ସ୍ରଷ୍ଟା
ସ୍ପନ୍ଦିତ ମାନବେ ଦେଖା ଆଲୋକର ପଥ
ତୁମେ ସ୍ରଷ୍ଟା ତୁମେ ଦିବ୍ୟ ଦ୍ରଷ୍ଟା ।
ହେ ନୂତନ ବର୍ଷ ! ତୁମେ ଯେ ସୃଜିବ ହୃଦେ
ଚମ୍ପକର ମହାର୍ଘ ଚୟନ
ଅନୃତରୁ ନୃତ ଆଉ ଅସତ୍ୟରୁ ସତ୍ୟ
ବସନ୍ତ ଅନୀଳେ ବ୍ୟାପ୍ତ ପ୍ରତିଟି ଅଙ୍ଗନ ।
ଦାରିଦ୍ର୍ୟ ଆମର ନିନ୍ଦିତ ଭାଷା
ଯେ ଭାଷାରେ ହୁଏ ଓଡ଼ିଆର ଅଭିଧାନ
ଅମୃତର ପରା ସନ୍ତାନ ଆମେ
ଅମୃତ ଆମ ହୃଦ ବଳୟ ସ୍ପନ୍ଦନ ।
ସତ୍ୟ ଶିବ ଆମ ହୃଦୟ ଭାଷା
ଯେଉଁ ପାଇଁ ଆମେ ଗର୍ବିତ ମହୀୟାନ
ଦୁର୍ବାର ପୁଣି ଦୁର୍ଜ୍ଜୟ ଆମ ପଥ
ନେବା ଶତବାର ବିଜୟର ଅଭିଯାନ ।
ସ୍ପନ୍ଦିତ ହେବ ଅରାତି ହୃଦୟ
ମନ୍ଦ୍ରିତ ହେବ ଅରାତି ପାଷାଣ ହିଆ
ସଜାଇ ଦିଅଗୋ ସୁଦୀର୍ଘ ତୋରଣ
ପ୍ରଜ୍ୱଳିତ ହେଉ ଜ୍ଞାନ ଦୀପାଳୀର ଦିଆ ।

ସ୍ୱାଗତ ତୁମକୁ ହେ ନୂତନ ବର୍ଷ
ମନ ପ୍ରାଣେ ସୃଜ ଆନନ୍ଦ ଉତ୍କର୍ଷ
ଶାନ୍ତ ଫଲ୍‌ଗୁ ଧାରା ବହୁ ଅବିରତ
ଦୀପ୍ତ ଆନନେ ଦିଅ ଚିରନ୍ତନ ହସ
ସ୍ୱାଗତ ତୁମକୁ ଅନେକ ନୂତନ ବର୍ଷ ।
ପୁର ଅଙ୍ଗନୁ ଦୀପ୍ତ ନୟନା ବାଳୀ
ଦୃପ୍ତ ଆନନେ ଦୀପାଳୀ ଦିଅଗୋ ଜାଳି
ଫୁଟାଇ କୋମଳ ଆସ୍ୟେ ମଧୁର ହାସ୍ୟ
ଅନ୍ତର ତଳୁ ଆବେଗେ ଡାକ ଗୋ
ଆସ ଆସ ବାରେ
ସ୍ୱାଗତ ତୁମକୁ କରୁ ହେ ନୂତନ ବର୍ଷ ।

□□□